بسم الله الرحمٰن الرحيم

**ଖୁତ୍‌ବା ଜୁମା ୨୨ ଜାନୁଆରୀ ୨୦୨୧ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

## ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ଼ରତ ଉସ୍‌ମାନ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଆଜି ମୁଁ ହଜ଼ରତ ଉସ୍‌ମାନ୍ ର.ଅଙ୍କର ଚର୍ଚ୍ଚା ଆରମ୍ଭ କରିବି । ହଜ଼ରତ ଉସ୍‌ମାନ୍ ର.ଅଙ୍କ ସଂପର୍କରେ ପ୍ରଥମ କଥା ତ' ଏହା ସ୍ମରଣ ରଖିବା ଉଚିତ ଯେ, ସେ ସ୍ୱୟଂ ବଦର୍ ଯୁଦ୍ଧରେ ସାମିଲ ହୋଇ ନଥିଲେ କିନ୍ତୁ ସେହି ଆଠ ଜଣ ସାହାବାଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ଆଁହଜ଼ରତ ସ.ଅ ବଦର୍ ଯୁଦ୍ଧର ମାଲେ ଗନିମତରୁ କିଛି ଅଂଶ ପ୍ରଦାନ କରି ଯୁଦ୍ଧରେ ସାମିଲ ଥିବାର ଦର୍ଶାଇଥିଲେ । ତାଙ୍କର ବଂଶ ବୃକ୍ଷାବଳୀ ରସୁଲୁଲ୍ଲାଃ ସ.ଅଙ୍କ ବଂଶ ବୃକ୍ଷାବଳୀର ପଞ୍ଚମ ପିଢୀ ଅର୍ଥାତ ଅବ୍‌ଦେ ମୁନାଫ୍‌ଙ୍କ ଠାରେ ଯାଇ ମିଶୁଥିଲା । ହଜ଼ରତ ଉସ୍‌ମାନ୍ ର.ଅଙ୍କ ଆଈ ମା ନବୀ କରୀମ୍ ସ.ଅଙ୍କ ପିତାଶ୍ରୀ ଅବ୍‌ଦୁଲ୍ଲାଃଙ୍କ ନିଜ ଭଉଣୀ ଥିଲେ । ହଜ଼ରତ ଉସ୍‌ମାନ୍ ର.ଅଙ୍କ ମାତା ଅର୍‌ୱା ବିନ୍‌ତ୍ କୁରୈଜ଼୍ ସୁଲାହ୍ ହୁଦୈବିୟା ପରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନେଇଥିଲେ ଏବଂ ମକ୍କାରୁ ପ୍ରବାସ କରି ମଦିନା ଚାଲି ଯାଇଥିଲେ ଏବଂ ନିଜର ପୁତ୍ର ହଜ଼ରତ ଉସ୍‌ମାନ୍ ର.ଅଙ୍କ ଖିଲାଫତ୍‌ରେ ମୃତ୍ୟୁ ପର୍ଯ୍ୟନ୍ତ ମଦିନାରେ ହିଁ ଅବସ୍ଥାନ କରିଥିଲେ । ହଜ଼ରତ ଉସ୍‌ମାନ୍ ର.ଅଙ୍କ ପିତାଙ୍କର ଅଶିକ୍ଷିତ ଯୁଗରେ ହିଁ ମୃତ୍ୟୁ ଘଟିଥିଲା । ନବୀ କରୀମ୍ ସ.ଅ ନିଜର ସୁପୁତ୍ରୀ ହଜ଼ରତ ରୁକ଼ୟାଙ୍କ ବିବାହ ହଜ଼ରତ ଉସ୍‌ମାନ୍ ର.ଅଙ୍କ ସହିତ କରିଥିଲେ । ଅତଏବ ହ. ରୁକ଼ୟା ର.ଅ ବଦର୍ ଯୁଦ୍ଧ ଦିନରେ ହିଁ ମୃତ୍ୟୁ ବରଣ କରିଥିଲେ । ଏତଦ୍ ପରେ ନବୀ କରୀମ୍ ସ.ଅ ନିଜର ଦ୍ୱିତୀୟ ସୁପୁତ୍ରୀ ହ. ଉମ୍ମେ କୁଲ୍‌ସୁମ୍ ର.ଅଙ୍କ ବିବାହ ହ. ଉସ୍‌ମାନ୍ ର.ଅଙ୍କ ସହିତ କରି ଦେଇଥିଲେ । ଯଦ୍ୱାରା ହ. ଉସ୍‌ମାନ୍ ର.ଅଙ୍କୁ ଜୁନ୍‌ନୁରୈନ୍ ବୋଲି ଆଖ୍ୟା ଦିଆଗଲା ।

ହ. ଉସ୍‌ମାନ୍ ର.ଅ ଆମୁଲ୍ ଫିଲ୍‌ର ୬ ବର୍ଷ ପରେ ମକ୍କାରେ ଜନ୍ମ ଗ୍ରହଣ କରିଥିଲେ । ହ. ଉସ୍‌ମାନ୍ ର.ଅ ଆଁହଜ଼ରତ ସ.ଅଙ୍କ ଠାରୁ ପ୍ରାୟ ୫ ବର୍ଷ ସାନ ଥିଲେ । ହ. ଉସ୍‌ମାନ୍ ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ ସଂପର୍କରେ ଏହା ବର୍ଣ୍ଣନା କରାଯାଏ ଯେ, ଏକଦା ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ଓ ହ. ତଲହା ବିନ୍ ଉବୈଦୁଲ୍ଲାଃ ଦୁହେଁ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଆଁହଜ଼ରତ ସ.ଅ ଏହି ଦୁହିଁଙ୍କ ସମ୍ମୁଖରେ ଇସ୍‌ଲାମ୍‌ର ବାର୍ତ୍ତା ରଖିଥିଲେ ଏବଂ ସେମାନଙ୍କୁ ପବିତ୍ର କୁରଆନ ପାଠ କରି ଶୁଣାଇଥିଲେ ତଥା ସେମାନଙ୍କୁ ଇସ୍‌ଲାମ୍‌ର ଅଧିକାର ପ୍ରତି ସଚେତନ କରାଇଲେ ଏବଂ ସେମାନଙ୍କୁ ଅଲ୍ଲାଃତାଲାଙ୍କ ତରଫରୁ ପ୍ରାପ୍ତ ହେବା ସମ୍ମାନ ଓ ପୁରସ୍କାରର ପ୍ରତିଶୃତି ଦେଇଥିଲେ । ପରିଣାମ ସ୍ୱରୂପ ହ. ଉସ୍‌ମାନ୍ ର.ଅ ଓ ହ. ତଲହା ର.ଅ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ଆଁହଜ଼ରତ ସ.ଅଙ୍କର ପୁଷ୍ଟି କରିଥିଲେ । ହ. ଉସ୍‌ମାନ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ଦାରେ ଅର୍‌କମ୍‌ରେ ପ୍ରବେଶ କରିବା ପୂର୍ବରୁ ଅର୍ଥାତ ପୁରାତନ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରୁ ଜଣେ ଥିଲେ ।

ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ ହ. ଉସ୍‌ମାନ୍ ର.ଅଙ୍କ ଉପରେ ମଧ ଅତ୍ୟାଚାର ହୋଇଥିଲା । ମୁସା ବିନ୍ ମୁହମ୍ମଦ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ଯେତେବେଳେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ତାଙ୍କର ଚଚା ହକମ୍ ବିନ୍ ଅବୁଲ୍ ଆସ୍ ବିନ୍ ଉମୈୟା ତାଙ୍କୁ ଧରି ଦଉଡ଼ି ଦ୍ୱାରା ବାନ୍ଧି ଦେଉଥିଲା ଏବଂ କହୁଥିଲା ଯେ, କ'ଣ ତୁମେମାନେ ନିଜର ପୂର୍ବଜଙ୍କ ଧର୍ମ ଛାଡି ନୂତନ ଧର୍ମ ଗ୍ରହଣ କରିବାକୁ

ଚାହୁଁଛ ? ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ତୁମକୁ ଆଦୌ ଖୋଲିବି ନାହିଁ ଏପର୍ଯ୍ୟନ୍ତ କି ତୁମେ ନିଜର ନୂତନ ଧର୍ମକୁ ପରିତ୍ୟାଗ କରି ନଦେଇଛ । ପ୍ରତ୍ୟୁତ୍ତରରେ ହ. ଉସ୍‌ମାନ୍ ର.ଅ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଏହାକୁ କଦାପି ଛାଡ଼ିବି ନାହିଁ ଏବଂ ନା ହିଁ ତହିଁରୁ ପୃଥକତା ଅବଲମ୍ବନ କରିବି । ଅତଏବ ହକମ୍ ଯେତେବେଳେ ହ. ଉସ୍‌ମାନ୍ ର.ଅଙ୍କର ଧର୍ମରେ ଅବିଚଳତାର ଏହି ଅବସ୍ଥାକୁ ଅବଲୋକନ କଲା ସେତେବେଳେ ବାଧ ହୋଇ ସେ ହ. ଉସ୍‌ମାନ୍ ର.ଅଙ୍କୁ ଛାଡ଼ି ଦେଇଥିଲା ।

ଆଁହଜ଼ରତ ସ.ଅଙ୍କର ସୁପୁତ୍ରୀ ହ. ରୁକୟାଙ୍କ ବିବାହ ହ. ଉସମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ସହିତ ମକ୍କାରେ ହିଁ ହୋଇଥିଲା । ହ. ଉସ୍‌ମାନ୍ ର.ଅ ତାଙ୍କ ସହିତ ହବ୍‌ଶା ଆଡ଼କୁ ପ୍ରବାସ କରିଥିଲେ । ହ. ରୁକ଼ୟା ଏବଂ ହ. ଉସ୍‌ମାନ୍ ର.ଅ ଦୁହେଁ ହିଁ ସୌନ୍ଦର୍ଯ୍ୟର ନିଜ ନିଜ ପରିଧିରେ ଅନୁପମ ଥିଲେ । ସୁତରାଂ କୁହାଯାଏ ଯେ, اَحْسَنَ زَوْجَيْنِ رَاٰهُمَا اِنْسَانٌ رُقِيَّةُ وَ زُوْجُهَا عُثْمَانَ ଯଦି କୌଣସି ବ୍ୟକ୍ତି ସବୁଠୁ ସୁନ୍ଦର ବିବାହିତ ଯୋଡ଼ି ଦେଖିଥିବ ତେବେ ସେହି ଯୋଡ଼ି ହେଉଛି ହ. ଉସ୍‌ମାନ୍ ଓ ହ. ରୁକ଼ୟା ର.ଅଙ୍କର ।

ଅବ୍‌ଦୁର୍ ରହମାନ୍ ବିନ୍ ଉସ୍‌ମାନ୍ କ୍ରୁରୈଶୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ନିଜର ସୁପୁତ୍ରୀଙ୍କ ଘରକୁ ଆସିଲେ । ଯେତେବେଳେ କି ସେ ହ. ଉସ୍‌ମାନ୍ ର.ଅଙ୍କର ମୁଣ୍ଡ ଧୋଉଥିଲେ । ଅତଏବ ଏହା ଦେଖି ଆଁହଜରତ ସ.ଅ କହିଲେ ପୁତ୍ରୀ ଅବୁ ଅବ୍‌ଦୁଲ୍ଲାଃଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥାଅ । ନିଃସନ୍ଦେହରେ ସେ ମୋର ସାହାବାମାନଙ୍କ ମଧ୍ୟରେ ଚାରିତ୍ରିକ ଦୃଷ୍ଟିକୋଣରୁ ମୋ ସହିତ ସାଦୃଶ୍ୟତା ରଖନ୍ତି । ରସୁଲ୍ କରୀମ୍ ସ.ଅ ଯେଉଁ ପରୀକ୍ଷାର ସମ୍ମୁଖୀନ ହେଉଥିଲେ, ଆପଣଙ୍କ ସାହାବାମାନେ ମଧ୍ୟ ସମାନ ଅତ୍ୟାଚାରର ଶିକାର ଥିଲେ । ତେଣୁ ଆଁହଜ଼ରତ ସ.ଅ ତାଙ୍କୁ କହିଲେ କି ଯଦି ତୁମେ ହବ୍‌ଶା ଅଭିମୁଖେ ବାହାର ତେବେ ସେଠାରେ ଏଭଳି ଜଣେ ମହାରାଜା ରାଜତ୍ୱ କରୁଛନ୍ତି ଯେ, ସେ କାହା ଉପରେ ଅନ୍ୟାୟ, ଅତ୍ୟାଚାର କରୁ ନାହାନ୍ତି ଏବଂ ତାହା ସତ୍ୟତାର ଭୂମି ଅଟେ । ବସ୍ତୁତଃ ଆଁହଜ଼ରତ ସ.ଅ ନିଜ ସାହାବାମାନଙ୍କୁ ହବ୍‌ଶା ଆଡ଼କୁ ପ୍ରସ୍ଥାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅତଏବ ଏପରି ଇସ୍‌ଲାମ୍ ଧର୍ମରେ ପ୍ରବାସ କରିବାର ଏହା ସର୍ବ ପ୍ରଥମ ପ୍ରବାସ ଥିଲା । ହବ୍‌ଶା ଆଡ଼କୁ ପ୍ରବାସ କରିଥିବା ସାହାବାମାନଙ୍କ ମଧ୍ୟରେ ହ. ଉସ୍‌ମାନ୍ ର.ଅ ନିଜର ପତ୍ନୀ ହ. ରୁକ଼ୟା ବିନ୍‌ତ୍ ରସୁଲୁଲ୍ଲାଃ ସ.ଅଙ୍କ ସହିତ ସାମିଲ ଥିଲେ ।

ହ. ସାଆଦ୍ ବର୍ଣ୍ଣନା କରନ୍ତି ଯେ, ହ. ଉସ୍‌ମାନ୍ ର.ଅ ଯେତେବେଳେ ହବ୍‌ଶା ଅଭିମୁଖେ ପ୍ରବାସ କରିବାକୁ ଇଚ୍ଛା ପ୍ରକାଶ କଲେ ସେତେବେଳେ ରସୁଲ୍ କରୀମ୍ ସ.ଅ ସେମାନଙ୍କୁ କହିଲେ କି ରୁକ଼ୟାଙ୍କୁ ମଧ୍ୟ ନିଜ ସାଙ୍ଗରେ ନେଇଯାଅ । ମୋ ବିଚାରରେ ତୁମେ ଦୁହେଁ ପରସ୍ପରକୁ ପ୍ରୋତ୍ସାହିତ କରିବ । ରସୁଲ୍ କରୀମ୍ ସ.ଅ କହିଲେ ହେ ଅବୁ ବକ୍କର୍ ର.ଅ ! ହଜ଼ରତ ଲୁତ୍ ଓ ହ. ଇବ୍ରାହିମ ଅ.ସଙ୍କ ପରେ ଏହି ଦୁହେଁ ଅର୍ଥାତ ଉସ୍‌ମାନ୍ ଓ ରୁକ଼ୟା ର.ଅ ପ୍ରବାସକାରୀଙ୍କ ମଧ୍ୟରେ ସର୍ବପ୍ରଥମ ପ୍ରବାସକାରୀ ଅଟନ୍ତି । ହବ୍‌ଶାରୁ ପ୍ରତ୍ୟାବର୍ତ୍ତନର ଘଟଣା ମଧ୍ୟ ବର୍ଣ୍ଣିତ ହୋଇଛି । ଯେତେବେଳେ କ୍ରୁରୈଶ୍‌ର କେତେକ ସାହାବାମାନେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଭ୍ରାନ୍ତ ଖବର ପାଇ ନିଜର ଜନ୍ମଭୂମି ମକ୍କାକୁ ଫେରି ଆସିଲେ, ସେତେବେଳେ ହ. ଉସ୍‌ମାନ୍ ର.ଅ ମଧ୍ୟ ମକ୍କାକୁ ଫେରି ଆସିଥିଲେ । ସେମାନେ ମକ୍କାକୁ ଫେରିବା ପରେ ଜାଣିବାକୁ ପାଇଲେ ଯେ, ଏହି ଖବରଟି ମିଥ୍ୟା ଅଟେ । ଏହି କାରଣରୁ କେତେକ ସାହାବାମାନେ ପୁନଶ୍ଚ ହବ୍‌ଶା ଆଡ଼କୁ ଫେରି ଯାଇଥିଲେ । କିନ୍ତୁ ହ. ଉସ୍‌ମାନ୍ ର.ଅ ମକ୍କାରେ ହିଁ ରହିଥିଲେ, ଏପର୍ଯ୍ୟନ୍ତ କି ମଦିନା ପ୍ରବାସ କରିବାର ସାଧନ ମଧ୍ୟ ସୃଷ୍ଟି ହୋଇଗଲା ଏବଂ ଯେତେବେଳେ ରସୁଲ୍ କରୀମ୍ ସ.ଅ ନିଜର ସମସ୍ତ ସାହାବାମାନଙ୍କୁ ମଦିନା ଆଡ଼କୁ ପ୍ରବାସ କରିବା ପାଇଁ ଆଦେଶ ଦେଲେ ସେତେବେଳେ ହ. ଉସ୍‌ମାନ୍ ର.ଅ ନିଜର ପରିବାରବର୍ଗଙ୍କ ସହିତ ମଦିନା ପ୍ରସ୍ଥାନ କରିଥିଲେ ।

ହୁଜୁର ଅନୱର୍ ଅ.ବ କହିଲେ : ହ. ଉସ୍‌ମାନ୍ ର.ଅ ମଦିନା ଆଡ଼କୁ ପ୍ରବାସ ଏବଂ ମୈତ୍ରିକ ସଂପର୍କ ସ୍ଥାପନ କରିବାର ଚର୍ଚ୍ଚା ଏହିପରି ଭାବରେ ଉଲ୍ଲେଖ ରହିଛି ଯେ, ହ. ଉସ୍‌ମାନ୍ ର.ଅ ମକ୍କାରୁ ମଦିନା ଆଡ଼କୁ ପ୍ରବାସ କଲେ ସେତେବେଳେ ରସୁଲ୍ କରୀମ୍ ସ.ଅ ହ.ଅ ଉସ୍‌ମାନ୍ ଓ ହଜ଼ରତ ଅବ୍ଦୁର୍ ରହମାନ୍ ବିନ୍ ଔଫ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ଏକ ବର୍ଣ୍ଣନାନୁଯାୟୀ ହ. ଉସ୍‌ମାନ୍ ର.ଅଙ୍କ ମୈତ୍ରିକ ସଂପର୍କ ଆଁହଜ଼ରତ ସ.ଅ ନିଜ ସହିତ ସ୍ଥାପନ କରିଥିଲେ । ଅତଏବ **ତବ୍‌କାତୁଲ୍ କୁବ୍‌ରା**ରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହ. ଉସ୍‌ମାନ୍ ର.ଅଙ୍କୁ ଶତ୍ରୁମାନେ ଘେରାଉ କରି ନେଇଥିଲେ ସେତେବେଳେ ହ. ଉସ୍‌ମାନ୍ ର.ଅ ନିଜର ଏକ ଉଚ୍ଚ କୋଠରୀର ଆଲୋକ ଦାନୀରୁ ଉଣ୍ଡି ଲୋକମାନଙ୍କୁ ପଚାରିଲେ ଯେ, କ'ଣ ତୁମମାନଙ୍କ ମଧ୍ୟରେ ତଲ୍‌ହା ଅଛନ୍ତି ? ସେମାନେ କହିଲେ ହଁ ଅଛନ୍ତି । ହ. ଉସ୍‌ମାନ୍ ର.ଅ ସେମାନଙ୍କୁ କହିଲେ ଯେ, ମୁଁ ତୁମମାନଙ୍କୁ ଈଶ୍ୱରଙ୍କ ଶପଥ ଦେଇ ପଚାରୁଛି ଯେ, କ'ଣ ତୁମମାନଙ୍କୁ ଜ୍ଞାତ ନାହିଁ ଯେ, ଯେତେବେଳେ ରସୁଲ୍ କରୀମ୍ ସ.ଅ ପ୍ରବାସକାରୀ ଓ ଅନ୍‌ସାର୍‌ମାନଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ ସେତେବେଳେ ଆଁହଜ଼ରତ ସ.ଅ ନିଜ ସହିତ ମୋର ମୈତ୍ରିକ ସଂପର୍କ ମଧ୍ୟ ସ୍ଥାପନ କରିଥିଲେ । ପ୍ରତ୍ୟୁତ୍ତରରେ ହ. ତଲ୍‌ହା ର.ଅ କହିଲେ ଏହା ସତ୍ୟ ଅଟେ ।

ହ. ଉସ୍‌ମାନ ର.ଅ ଓ ହ. ଉମ୍ମେ କୁଲ୍‌ସୁମ୍‌ଙ୍କ ମଧ୍ୟରେ ବିବାହ ଘଟଣାର ଚର୍ଚ୍ଚା ଏହିପରି ଭାବରେ ଉଲ୍ଲେଖ ରହିଛି ଯେ, ରସୁଲ୍ କରୀମ୍ ସ.ଅ ହ. ରୁକ଼ୟା ର.ଅଙ୍କ ବିୟୋଗ ପରେ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ସହିତ ନିଜର ସୁପୁତ୍ରୀ ହ. ଉମ୍ମେ କୁଲ୍‌ସୁମ୍ ର.ଅଙ୍କ ବିବାହ କରି ଦେଇଥିଲେ । ହ. ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ହ. ଉସ୍‌ମାନ୍ ର.ଅଙ୍କ ସହିତ ମସ୍‌ଜିଦ୍‌ର ଦ୍ୱାର ଠାରେ ସାକ୍ଷାତ୍ କରିଥିଲେ ଏବଂ କହିବାକୁ ଲାଗିଲେ ଯେ, ହେ ଉସ୍‌ମାନ୍ ! ଏ ହ. ଜିବ୍ରାଇଲ୍ ଅ.ସ ଅଟନ୍ତି, ସେ ମୋତେ ସୂଚିତ କରିଛନ୍ତି ଯେ, ଉମ୍ମେ କୁଲ୍‌ସୁମ୍ ର.ଅଙ୍କ ନିକାହ୍ ପାଇଁ ଯେତେ ମେହର୍ ହ. ରୁକ଼ୟା ର.ଅଙ୍କର ଧାର୍ଯ୍ୟ ହୋଇଥିଲା ସେହି ପରିମାଣର ମେହର ଧାର୍ଯ୍ୟ କରିବାକୁ ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି । ଏପରି ସେ ତୁମ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିଛନ୍ତି ।

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ ସ.ଅ ଯେତେବେଳେ ହ. ଉମ୍ମେ କୁଲ୍‌ସୁମ୍ ର.ଅଙ୍କ ବିବାହ ହ. ଉସ୍‌ମାନ୍ ର.ଅଙ୍କ ସହିତ କଲେ ସେତେବେଳେ ଆଁହଜ଼ରତ ସ.ଅ ହ. ଉମ୍ମେ ଐମନ୍‌ଙ୍କୁ କହିଲେ ମୋର ସୁପୁତ୍ରୀ ଉମ୍ମେ କୁଲ୍‌ସୁମ୍‌ଙ୍କୁ ପ୍ରସ୍ତୁତ କରି ହ. ଉସ୍‌ମାନ୍ ର.ଅଙ୍କ ଘରେ ଛାଡ଼ି ଆସ ଏବଂ ଉମ୍ମେ କୁଲ୍‌ସୁମ୍‌ଙ୍କ ଆଗରେ ମୃଦଙ୍ଗ ବଜାଅ । ସୁତରାଂ ସେ ଏହିପରି ହିଁ କରିଥିଲେ । ରସୁଲୁଲ୍ଲାଃ ସ.ଅ ତିନି ଦିନ ପରେ ହଜ଼ରତ ଉମ୍ମେ କୁଲ୍‌ସୁମ୍‌ଙ୍କ ନିକଟକୁ ଗଲେ ଏବଂ କହିଲେ ହେ ମୋର ପ୍ରିୟ ପୁତ୍ରୀ ! ତୁମେ ନିଜ ସ୍ୱାମୀଙ୍କୁ କିପରି ପାଇଲ ? ଉମ୍ମେ କୁଲ୍‌ସୁମ୍ ର.ଅ କହିଲେ ମୋର ସ୍ୱାମୀ ସର୍ବୋତ୍ତମ ସ୍ୱାମୀ ଅଟନ୍ତି । ହଜ଼ରତ ଉମ୍ମେ କୁଲ୍‌ସୁମ୍ ହ. ଉସ୍‌ମାନ୍ ର.ଅଙ୍କ ଘରେ ୯ ହିଜ୍‌ରୀ ପର୍ଯ୍ୟନ୍ତ ରହିଥିଲେ, ଏହାପରେ ସେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ । ରସୁଲ୍ କରୀମ୍ ସ.ଅ ତାଙ୍କର ନମାଜ ଯନାଜ଼ାଃ ପଢେଇଥିଲେ ଏବଂ ତାଙ୍କ କବର ନିକଟରେ ବସିଥିଲେ । ନବୀ କରୀମ୍ ସ.ଅଙ୍କର ଚକ୍ଷୁ ଦ୍ୱୟ ଲୋତକାପ୍ଲୁତ ଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ହ. ଉମ୍ମେ କୁଲ୍‌ସୁମ୍‌ଙ୍କ ବିୟୋଗ ଅନ୍ତେ କହିଲେ ଯେ, ମୋର ଯଦି ତୃତୀୟ କନ୍ୟା ଥାଆନ୍ତା ତାହାହେଲେ ମୁଁ ତାହାକୁ ମଧ୍ୟ ହ. ଉସ୍‌ମାନ୍ ର.ଅଙ୍କ ସହିତ ବିବାହ ଦେଇ ଥାଆନ୍ତି । ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ରସୁଲ୍ କରୀମ୍ ସ.ଅ ଯେତେବେଳେ ଏକ ସ୍ଥାନ ଦେଇ ଅତିକ୍ରମ କଲେ ସେତେବେଳେ ଦେଖିଲେ ଯେ, ହ. ଉସ୍‌ମାନ୍ ର.ଅ ସେଠାରେ ବସିଥିଲେ ଏବଂ ହ. ଉମ୍ମେ କୁଲ୍‌ସୁମ୍ ବିନତ୍ ରସୁଲ୍ କରୀମ୍ ସ.ଅଙ୍କ ବିୟୋଗରେ ରୋଦନ କରୁଥିଲେ । ରସୁଲୁଲ୍ଲାଃ ସ.ଅ ପ୍ରଶ୍ନ କଲେ କି ହେ ଉସ୍‌ମାନ୍ ! ତୁମେ କେଉଁ କାରଣ ପାଇଁ କ୍ରନ୍ଦନ କରୁଛ ? ହ. ଉସ୍‌ମାନ୍ ର.ଅ କହିଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଏହି କାରଣରୁ କ୍ରନ୍ଦନ କରୁଛି ଯେ, ମୋର ଆପଣଙ୍କ ସହିତ ଜ୍ୱାଇଁର ସଂପର୍କ ତୁଟି ଗଲା । ଆପଣଙ୍କ ଉଭୟ ପୁତ୍ରୀଙ୍କର ବିୟୋଗ ହୋଇଗଲା । ଆଁହଜ଼ରତ ସ.ଅ କହିଲେ କି ହେ ଉସ୍‌ମାନ୍ ! କାନ୍ଦ ନାହିଁ । ତୁମକୁ ଈଶ୍ୱରଙ୍କ

ସେହି ସତ୍ତାଙ୍କର ଶପଥ ଯାହାଙ୍କ ହସ୍ତରେ ମୋର ପ୍ରାଣ ବାୟୁ ରହିଛି । ମୋର ଯଦି ଶତ ପୁତ୍ରୀ ଥାଆନ୍ତେ ଏବଂ ଗୋଟିଏ ଗୋଟିଏ କରି ମୃତ୍ୟୁ ବରଣ କରି ଥାଆନ୍ତେ ତାହାହେଲେ ମୁଁ ପ୍ରତ୍ୟେକ ପୁତ୍ରୀ ପରେ ଦ୍ୱିତୀୟ ପୁତ୍ରୀକୁ ତୁମକୁ ବିବାହ ଦେଇ ଥାଆନ୍ତି । ଏପର୍ଯ୍ୟନ୍ତ କି ଶତ ପୁତ୍ରୀରୁ ଗୋଟିଏ ବି ବଳକା ରହି ନଥାନ୍ତେ ।

ହୁଜୁର ଅନୱର୍ ଅ.ବ କହିଲେ : ଉସ୍‌ମାନ୍ ର.ଅଙ୍କ ସଂପର୍କିତ ଅବଶିଷ୍ଟାଂଶ ଘଟଣାବଳୀର ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ହେବ । ଯେପରି ମୁଁ ପ୍ରତ୍ୟେକ ଖୁତ୍‌ବାରେ ଆପଣମାନଙ୍କୁ ଆହ୍ୱାନ ଦେଉଛି ଏବଂ ଦୁଆ ପ୍ରତି ଦୃଷ୍ଟି ଆକର୍ଷଣ କରୁଛି ଯେ, ଆପଣମାନେ ପାକିସ୍ତାନରେ ବସବାସ କରୁଥିବା ଅହେମଦିମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ। ବିରୋଧୀମାନେ ନିଜ ବିଚାରରେ ଅହେମଦିମାନଙ୍କ ପାଇଁ ପରିବେଶର ପରିଧିକୁ ସଂକୁଚିତ କରୁଛନ୍ତି । କିନ୍ତୁ ସେମାନଙ୍କୁ ଏହା ଜଣା ନାହିଁ ଯେ, ଏକ ମହାନ ପରାକ୍ରମୀ ସତ୍ତା ମଧ୍ୟ ରହିଛି ଯାହାଙ୍କର ନାମ ହେଲା ଅଲ୍ଲାଃ । ଯାହାଙ୍କର ବିଧାନ ମଧ୍ୟ ଅବ୍ୟାହତ ରହିଛି ଏବଂ ଏହାର ପରିଧି ମଧ୍ୟ ସେମାନଙ୍କ ଉପରେ ସଂକୁଚିତ ହେଉଛି । ଯେତେବେଳେ ସେହି ପରିଧିଟି ସଂକୁଚିତ ହୁଏ ସେତେବେଳେ ତହିଁରୁ କେହି ବି ପଳାୟନ କରିପାରିବ ନାହିଁ । ଅଲ୍ଲାଃତାଲା ସେହି ଲୋକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ନିଜର ବୁଦ୍ଧି, ବିବେକ ଓ ଜ୍ଞାନକୁ ବିନିଯୋଗ କରି ଏହି ଅନ୍ୟାୟ ଓ ଅତ୍ୟାଚାରରୁ ବିରତ ରହନ୍ତୁ । ସେହିପରି ଉପଦ୍ୱୀପରେ ବସବାସ କରୁଥିବ ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ସେମାନଙ୍କର ବିଶ୍ୱାସକୁ ଅତୁଟ ରଖନ୍ତୁ । ସେହିପରି ଅନ୍ୟ କେତେକ ସ୍ଥାନରେ ମଧ୍ୟ ଅହେମଦିମାନଙ୍କର ଘୋର ବିରୋଧ ହେଉଛି । ଅଲ୍ଲାଃତାଲା ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ ଦୃଷ୍ଟିକୋଣରୁ ଅହେମଦିମାନଙ୍କୁ ସୁରକ୍ଷିତ ତଥା ନିରାପଦ ରଖନ୍ତୁ ।

ଏହାପରେ ହୁଜୁର ଅନୱର୍ ଅ.ବ କହିଲେ : ନମାଜ଼ ପରେ ମୁଁ କେତେକ ମୃତକମାନଙ୍କର ନମାଜ଼ ଯନାଜ଼ାଃ ପଢେଇବି ଏବଂ ସେମାନଙ୍କର ଚର୍ଚ୍ଚା ମଧ୍ୟ କରିଦୋବକୁ ଚାହେଁ । ପ୍ରଥମ ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ସୁଲ୍‌ତାନ୍ ମେହ୍‌ମୁଦ୍ ଅନ୍‌ୱର ସାହେବ, ପୂର୍ବତନ ନାଜ଼ିର ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା ରବ୍‌ୱା । ଦ୍ୱିତୀୟ ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୌଲାନା ମୁହମ୍ମଦ୍ ଉମର୍ ସାହେବଙ୍କର । ସେ ପୂର୍ବତନ ନାଜ଼ିର ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜ଼ିଆ, କ୍ୱାଦିୟାନ୍ ଥିଲେ । ତୃତୀୟ ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ହବିବ୍ ଅହେମଦ୍ ସାହେବ ରବ୍‌ୱାଙ୍କର ଯେ ମୁବଲ୍ଲିଗ୍ ସିଲସିଲା ଥିଲେ । ଚତୁର୍ଥ ଯନାଜ଼ାଃ ହେଉଛି ୟୁ.କେର ସମ୍ମାନନୀୟ ସ୍ୱର୍ଗତ ବଦ୍‌ରୁଜ଼ମାନ ସାହେବଙ୍କର। ପଞ୍ଚମ ଯନାଜାଃ ହେଉଛି ସମ୍ମାନନୀୟ ମନ୍‌ସୁର୍ ଅହେମଦ୍ ତେହ୍‌ସିନ୍ ସାହେବଙ୍କର । ଷଷ୍ଠ ଯନାଜାଃ ହେଉଛି ତାଞ୍ଜାନିୟାର ଡ଼ାକ୍ତର ଐଦି ଇବ୍ରାହମ୍ ମୁଆଙ୍ଗା ସାହେବଙ୍କର । ସପ୍ତମ ଯନାଜ଼ାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ସୁଗ୍ରା ବେଗମ୍ ସାହେବାଙ୍କର । ସେ କ୍ୱାଦିୟାନର ଦୀନ୍ ମୁହମ୍ମଦ ସାହେବ ନଙ୍ଗଲୀ ଦରୱେଶଙ୍କର ପତ୍ନୀ ଥିଲେ । ଅଷ୍ଟମ ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଚୌଧୁରୀ  କରାମତୁଲ୍ଲାଃ ସାହେବଙ୍କର । ନବମ ଯନାଜ଼ାଃ ହେଉଛି ଜର୍ମାନୀର ଚୌଧୁରୀ ମୁନୱର୍ ଅହେମଦ ଖାଲିଦ୍ ସାହେବଙ୍କର । ଦଶମ ଯନାଜ଼ାଃ ହେଉଛି ସ୍ୱର୍ଗତା ନସୀରା ବେଗମ୍ ସାହେବାଙ୍କର । ସେ ବାଂଲାଦେଶର ଅବସର ପ୍ରାପ୍ତ ସାଦିକ୍ ତାହିର ମେହ୍‌ମୁଦ୍ ସାହେବଙ୍କର ପତ୍ନୀ ଥିଲେ । ହୁଜୁର ଅନୱର୍ ଅ.ବ କହିଲେ ଅଲ୍ଲାଃତାଲା ସମସ୍ତ ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସେ ସଭିଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ତଥା ନିଜ ପ୍ରିୟଜନଙ୍କ ଗହଣରେ ସ୍ଥାନିତ କରନ୍ତୁ । ଆମିନ୍ । ଯେପରି ମୁଁ କହିଲି କି ନମାଜ଼ ପରେ ଏହି ସମସ୍ତ ମୃତକଙ୍କର ନମାଜ଼ ଯନାଜ଼ାଃ ଗାଏବ୍ ପଢେଇବି ।

.........................

**KHULASA KHUTBA JUMA HUZOOR ANWAR a.b.a**

**22nd Jan. 2021**